## ‘ସକାଳ ଓ ନନ୍ଦିଘୋଷ ଟିଭି’ ପକ୍ଷରୁ ଗଣଦୌଡ଼

# ‘ଫିଟ୍‌ନେସ୍‌ର ମନ୍ତ୍ର ଦିଏ ମାରାଥନ୍’



RUCHI FOODLINE
Since 1976
Karlo Dosti Sehat Se.
Completing 50 YEARS in 2025
FROZIT
"Time Ki Bachat, Eat Fresh Fatafat"





**କଟକ, ୧୫।୧୨(ସମିସ):** ଦୈନିକ ଓଡ଼ିଆ ଖବରକାଗଜ ‘ସକାଳ’ର ୪ର୍ଥ ସ୍ୱନକ୍ଷତ୍ର ଉତ୍ସବ ପାଳନ ପରିପ୍ରେକ୍ଷୀରେ କଟକରେ ମିନି ମାରାଥନ୍ ସଫଳତା ପୂର୍ବକ ଆୟୋଜନ ହୋଇଛି। ‘ସକାଳ’ ଓ ନନ୍ଦିଘୋଷ ଟିଭିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗଣଦୌଡ଼ରେ ୬୦୦ରୁ ଅଧିକ ଧାବକ ଓ ଧାବିକା ସାମିଲ ହୋଇଥିଲେ। ପ୍ରତିଯୋଗୀଙ୍କ ଭିତରେ ଥିଲେ ୭ବର୍ଷରୁ ଆରମ୍ଭ କରି ୭୦ବର୍ଷ ବୟସର ଲୋକେ। ଯୋବ୍ରାସ୍ଥିତ ଆଇ ଲଭ୍ କଟକ ପଏଣ୍ଟରୁ ଦୌଡ଼ ଆରମ୍ଭ ହୋଇ ତଳ ବାଲିଯାତ୍ରା ପଡ଼ିଆର କଟକ-ଇନ୍-କଟକରେ ଶେଷ ହୋଇଥିଲା। ଦୀପୁ କିସ୍‌କୁ, ନାରାୟଣ ମୁର୍ମୁ ଏବଂ ରାମ ହାଁସଦା ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ହାସଲ କରିଥିଲେ।

ଶୀତୁଆ ସକାଳର ଉତ୍ସାହଭରା ବାତାବରଣରେ ଗଣଦୌଡ଼ ଆରମ୍ଭ ହୋଇଥିଲା ସୌନ୍ଦର୍ଯ୍ୟଭରା ତାଳଦଣ୍ଡା କେନାଲ କୂଳରୁ। ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ ମହାପାତ୍ର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶାରୀରିକ ଫିଟନେସ୍ ପାଇଁ ଯୋଗ, ବ୍ୟାୟାମ, ପ୍ରାତଃଭ୍ରମଣ ଏବଂ ଦୌଡ଼ର ଆବଶ୍ୟକତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ପୂର୍ବତନ ଡିସିପି(ଟ୍ରାଫିକ) ଶ୍ରୀକୃଷ୍ଣ ସାମଲ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ‘ସକାଳ’ର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, କଟକ ବ୍ୟୁରୋ ଚିଫ୍ ଭକ୍ତିଭୂଷଣ ମହାନ୍ତି, ନନ୍ଦିଘୋଷ ଟିଭିର କଟକ ବ୍ୟୁରୋ ଚିଫ ଦୀପେଶ ମହାପାତ୍ରଙ୍କ ଉପସ୍ଥିତିରେ ପତାକା ହଲାଇ ଅତିଥିମାନେ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟର ବିଶିଷ୍ଟ ଭେଷଜ ବିଶେଷଜ୍ଞ ପ୍ରଫେସର ଡାକ୍ତର ସିବିକେ ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ମାରାଥନ୍‌ରେ କୃତିତ୍ୱ ହାସଲ କରିବା ବଡ଼ କଥା ନୁହେଁ। ପ୍ରତିଯୋଗୀମାନେ ଆରମ୍ଭ ସ୍ଥଳରୁ ବାହାରି ଶେଷ ପର୍ଯ୍ୟନ୍ତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ବି ଏକ ସଫଳତା ବୋଲି ମତ ଦେଇଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକମାନେ ଏଭଳି ମାରାଥନ୍‌ରେ ଅଂଶଗ୍ରହଣ କରିବା ଉତ୍ସାହଜନକ ବୋଲି କହିଥିଲେ। ଜୀବନରେ କଠିନ କାର୍ଯ୍ୟ ପ୍ରଥମେ ଶେଷ କରିବାକୁ ପରାମର୍ଶ ଦେବା ସହିତ ପ୍ରଖ୍ୟାତ ଅଥର ବ୍ରାଏନ ଟ୍ରାସିଙ୍କ ପୁସ୍ତକ ‘ଇଟ୍ ଦି ଫ୍ରଗ୍’ର ବିଶ୍ଳେଷଣ କରିଥିଲେ। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ପୂର୍ବତଟ ରେଳବାଇ ଡିଭିଜନର ରେଲୱେ ୟୁଜର କନସୋଲେଟିଭ କମିଟି ସଦସ୍ୟ ଡଃ ରଞ୍ଜନ ବିଶ୍ୱାଳ ଏବଂ ରୁଚି ଫୁଡଲାଇନ୍ ପର୍ଚେଜିଙ୍ଗ ବିଭାଗର ସିନିୟର ମ୍ୟାନେଜର ରାମଚନ୍ଦ୍ର ବେହେରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ସକାଳ ଏବଂ ନନ୍ଦିଘୋଷ ଟିଭିର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସକାଳର କାର୍ଯ୍ୟନିର୍ବାହୀ ସମ୍ପାଦକ ଶ୍ରୀ ଦାସ ନିଜ ଅଭିଭାଷଣରେ ସମସ୍ତେ ନିଜେ ଫିଟ୍ ରହିବା ସହ ପରିବାର ଏବଂ ସମାଜକୁ ଫିଟ୍ ରଖିବା ଉଦ୍ଦେଶ୍ୟରେ ମାରାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସକାଳର କଟକ ବ୍ୟୁରୋ ଚିଫ୍ ଭକ୍ତିଭୂଷଣ ମହାନ୍ତି, ନନ୍ଦିଘୋଷ ଟିଭିର କଟକ ବ୍ୟୁରୋ ଚିଫ ଦୀପେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂଯୋଜକ ପ୍ରଫୁଲ୍ଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରାୟୋଜକ ଥିଲେ ରୁଚି ଫୁଡଲାଇନ୍ ଏବଂ ଫ୍ରୋଜିଟ୍। ହ୍ୱାଇଟ କାନଭାସ ଇଭେଣ୍ଟ ମ୍ୟାନେଜମେଣ୍ଟ ଦାୟିତ୍ୱ ତୁଲାଇଥିଲା।























# କଟକଣା ମାନୁନି ନିଷିଦ୍ଧ ପଲିଥିନ୍

- ପଶ୍ଚିମବଙ୍ଗରୁ ବେଧଡ଼କ ଆମଦାନୀ
- ଏନଫୋର୍ସମେଣ୍ଟ ନାମକୁ ମାତ୍ର !



କଟକ,୧୫।୧୨(ସମିସ)

କଟକ ସହରରେ ପ୍ଲାଷ୍ଟିକ ବା ପଲିଥିନ ନିଷିଦ୍ଧ କରାଯାଇଛି। ହେଲେ ଏବେ ବି ପଲିଥିନ ବା ପ୍ଲାଷ୍ଟିକ ନିଷିଦ୍ଧ ବାବଦରେ ସାଧାରଣ ଜନତା ସଚେତନ ହୋଇନାହାନ୍ତି। ସହରରେ ପଲିଥିନ ନିଷିଦ୍ଧ ହେବାର ଦୀର୍ଘ ୬ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ନିଷିଦ୍ଧ ପଲିଥିନ କାରବାର କମିବା ବଦଳରେ ବୃଦ୍ଧି ପାଇଛି। ଏପରିକି ୫୦ ମାଇକ୍ରନରୁ କମ ମୋଟେଇ ବିଶିଷ୍ଟ ପଲିଥିନ କ୍ୟାରିବ୍ୟାଗର ବହୁଳ ବ୍ୟବହାର ହେଉଥିବାର ପରିଲକ୍ଷିତ ହୋଇଛି। ପ୍ରକାଶଥାଉକି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ନିଷିଦ୍ଧ ନେଇ ଜାରି ହୋଇଥିବା ନିର୍ଦ୍ଦେଶନାମା ସତ୍ତ୍ୱେ ଚତୁରତାର ସହିତ ଉପରୋକ୍ତ ପଲିଥିନ ବ୍ୟବହାର କରାଯାଉଛି। ଫଳରେ ସ୍ଥିତି ଯଥା ପୂର୍ବଂ ତଥା ପରଂ ଭଳି ପ୍ରତୀୟମାନ ହୋଇଛି। ଏଣୁ ପ୍ଲାଷ୍ଟିକ ନିଷିଦ୍ଧ କାର୍ଯ୍ୟକାରି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସମସ୍ତ ପ୍ରକାର ପଲିଥିନ କ୍ୟାରିବ୍ୟାଗକୁ ସରକାର ନିଷିଦ୍ଧ କରିଛନ୍ତି। କେବଳ ନିର୍ଦ୍ଦିଷ୍ଟ ଖାଦ୍ୟ ପଦାର୍ଥ ପ୍ୟାକେଜିଂରେ ବ୍ୟବହାର ଲାଗି ଅନୁମତି ରହିଛି। ତେବେ ପଲିଥିନ ଉତ୍ପାଦନ କରୁଥିବା ୟୁନିଟ ଗୁଡିକ କ୍ୟାରିବ୍ୟାଗ ଆକୃତିରେ କୌଣସି ଉତ୍ପାଦ ବଜାରକୁ ଛାଡିପାରିବେ ନାହିଁ ବୋଲି କୁହାଯାଇଥିଲା। ଏହାକୁ ଖୁଲମଖୁଲା ଉଲ୍ଲଂଘନ କରାଯାଉଛି। ଅନ୍ୟପଟରେ ଆଉ କିଛି ଏଭଳି ପ୍ରସ୍ତୁତ ହୋଇଥିବା କ୍ୟାରିବ୍ୟାଗ ବାହାର ରାଜ୍ୟରୁ ଆମଦାନୀ କରାଯାଉଛି। ଏହା ଉପରେ କିନ୍ତୁ କୌଣସି ରୋକ ଲଗାଯାଇପାରିନାହିଁ। ଏପରିକି ସହର ଉପକଣ୍ଠ ଶିଳ୍ପାଞ୍ଚଳରେ ଏଭଳି ୧୨ଟି ପଲିଥିନ କ୍ୟାରିବ୍ୟାଗ ପ୍ରସ୍ତୁତକାରୀ ସଂସ୍ଥା ରହିଥିବାର ଜଣାପଡିଛି। କିନ୍ତୁ ଏଠାରେ କେଉଁ ପ୍ରକାର କ୍ୟାରିବ୍ୟାଗ ଏବେ ପ୍ରସ୍ତୁତ ହେଉଛି ସେନେଇ ବିଭାଗୀୟ ଅଧିକାରୀମାନେ ବି ଅଜ୍ଞ। ବିଶେଷକରି ମାଟିରେ ସହଜରେ ମିଶିପାରୁଥିବା ପଲିଥିନ ବଦଳରେ ରିସାଇକ୍ଲିଂ ପଲିଥିନ କ୍ୟାରି ବ୍ୟାଗର କାରବାର ବେଧଡକ ଚାଲିଛି। ବିଶେଷକରି ସରକାରଙ୍କ ନିୟମାନୁସାରେ ଯେଉଁ ସବୁ ପଲିଥିନ ବା ପ୍ଲାଷ୍ଟିକ ମାଟିରେ ସଡ଼ା ହରାଉଥିବ ବା ସଂପୂର୍ଣ୍ଣ ରୂପେ ମିଶିଯାଉଥିବ ତାହା ବି ଇଣ୍ଡିଆନ ଷ୍ଟାଣ୍ଡାର୍ଡ ମାନ୍ୟତାପ୍ରାପ୍ତ ହୋଇଥିବା ଦରକାର। ସେହିପରି ପଲିଥିନ ପ୍ରସ୍ତୁତକର୍ତ୍ତା। ଏପରିକି ବିକ୍ରେତାମାନେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ପ୍ରମାଣପତ୍ର ପାଇଥିବା ଆବଶ୍ୟକ; ହେଲେ ଏହା କଟକରେ ଆଦୌ ପାଳନ କରାଯାଉନାହିଁ। କଟକ ମହାନଗର ନିଗମର ସୂଚନାନୁସାରେ ସହରରୁ ଦୈନନ୍ଦିନ ୩୫୦ ମେଟ୍ରିକ ଟନ ଆବର୍ଜନା ବା ବର୍ଜ୍ୟ ବସ୍ତୁ ନିର୍ଗତ ହେଉଛି। ଏହି ଆବର୍ଜନା ମଧ୍ୟରେ ୪୦ପ୍ରତିଶତ ପଲିଥିନ ରହୁଛି। ପଲିଥିନ ଆବର୍ଜନା ପାଇଁ କଟକ ସହର ଅନେକ ସମୟରେ ଜଳବନ୍ଦୀ ହେଉଥିବା କୁହାଯାଉଛି। ଯେଉଁ ପଲିଥିନ ବଜାରକୁ ଆସୁଛି ତାହା ଆମେ କିଣିବାକୁ ପଡୁଛି ବୋଲି କୁହନ୍ତି ଅରୁଣୋଦୟନଗର ହୋଟେଲ ମାଲିକ ସୁରେନ୍ଦ୍ର ରାଉତ। ଏପରିକି ସେ ଗ୍ରାହକଙ୍କୁ ଘରୁ ଟିଫିନ ବକ୍ସ ଆଣିବାକୁ ନିବେଦନ କରୁଛନ୍ତି। ଅନ୍ୟପଟରେ କେତେକ ପଲିଥିନ ଉତ୍ପାଦ ବିକ୍ରି କରୁଥିବା ଡିଷ୍ଟ୍ରିବ୍ୟୁଟର କାର୍ଯ୍ୟାନୁଷ୍ଠାନ ଭୟରେ ଏନେଇ ମୁହଁ ଖୋଲି ନ ଥିଲେ ବି ବହୁ ପଲିଥିନ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରୁ ବି ଆସୁଥିବା କଥା ସ୍ୱୀକାର କରୁଛନ୍ତି। ଅଭିଯୋଗ ଆସିଲେ ପଲିଥିନ ପ୍ରସ୍ତୁତକାରୀ ସଂସ୍ଥା ଗୁଡିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଯାଞ୍ଚ କରାଯିବ ବୋଲି ବିଭାଗର ଅଧିକାରୀ କୁହନ୍ତି। ପ୍ଲାଷ୍ଟିକ ବ୍ୟାନ ହେବାର ଦୀର୍ଘ ବର୍ଷ ପରେ ବି ସ୍ଥିତି ସୁଧୁରିନି। ପୂର୍ବରୁ କେତେକ ରାଜ୍ୟ ପ୍ଲାଷ୍ଟିକ ସଂପୂର୍ଣ୍ଣ ଓ ଆଂଶିକ ବ୍ୟାନ କରିଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ଏହା ସଫଳ ରୂପାୟନ ହୋଇନାହିଁ। ସିଏମସି ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଚଢଉ କରି ବିଗତ ୬ମାସ ମଧ୍ୟରେ ପ୍ରାୟ ୫କ୍ୱିଣ୍ଟାଲ ପଲିଥିନ କ୍ୟାରିବ୍ୟାଗକୁ ଜବତ କରାଯାଇଥିବା ଜଣାପଡିଛି। କିନ୍ତୁ ଏହା ନାମକୁ ମାତ୍ର ବା ଲୋକଦେଖାଣିଆ ହୋଇ ରହିଯାଇଛି।

## ୬୫ତମ ଶିଶିର ଉତ୍ସବ ଉଦ୍‌ଘାଟିତ

**କଟକ,୧୫।୧୨(ସମିସ):** ସାହିତ୍ୟ ସଂସଦ ପକ୍ଷରୁ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ କବି ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ତ୍ରିଦିବସୀୟ ୬୫ତମ ଶିଶିର ଉତ୍ସବ ଓ କବିତା ପାଠୋତ୍ସବ ଉଦଘାଟିତ ହୋଇଯାଇଛି। ପଣ୍ଡିତ ଡ. ଚୈତନ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି ପ୍ରାରମ୍ଭିକ ଜୀବନର ତାଙ୍କର ସାହିତ୍ୟ ସଂସଦ ସହ ଥିବା ସମ୍ପର୍କ ଓ ସେ ସମୟର ସାହିତ୍ୟସଭାର ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ଭାବେ କବି ମୁରଲୀଧର ସାମଲ, ମୁଖ୍ୟବକ୍ତା ଡ. ଶିଶିର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଡାକ୍ତର ଅମୀୟ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ କବି ବ୍ରହ୍ମାନନ୍ଦ ବିଶ୍ୱାଳ ଆଧୁନିକ ଓଡ଼ିଆ କବିତା ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ଏହି କବିତା ପାଠୋତ୍ସବରେ ୪୪ଜଣ କବି ସ୍ୱରଚିତ କବିତା ପାଠ କରିଥିବାବେଳେ କବି ଗୀତାଞ୍ଜଳି ପୃଷ୍ଟି ଓ କବି ଛବିରାମ ସେଠୀ ଏହାକୁ ସଂଯୋଜନା କରିଥିଲେ। ଏହି ଉତ୍ସବରେ ସାହିତ୍ୟ ସଂସଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ରାଜୀବ ଷଡ଼ଙ୍ଗୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାର ୨୫ ଜଣ କବିଙ୍କୁ ସମ୍ମାନିତ କରାଯାଇଥିଲାବେଳେ ମନୋରଞ୍ଜନ ମହାପାତ୍ର, ଅଶୋକ ଦାସ, ଶକ୍ତିପ୍ରଦା ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁରଜିତ ନାଥ ଧନ୍ୟବାଦ ଦେଇଥିଲେ।

## ମୋ ବସ୍ ଓ ବାଇକ୍ ଧକ୍କା, ୨ ଯୁବକ ଗୁରୁତର

**ଚୌଦ୍ୱାର,୧୫।୧୨(ସମିସ):** ଚାରବାଟିଆ ବିରାଟ ବଜାରରେ ରବିବାର ସଂଧ୍ୟାରେ ଏକ ବାଇକ୍ ମୋ ବସ୍ ସହିତ ଧକ୍କା ହେବା ଫଳରେ ବାଇକ୍‌ରେ ଯାଉଥିବା ଦୁଇଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ବେଲଦା ଗ୍ରାମର ଦୀପକ ନାୟକ(ଦୀପୁ) ଏବଂ ନଖରା ପଞ୍ଚାୟତ ଅଲାରପୁର ଗ୍ରାମର କିଶୋର ଜେଠୀ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ ଓଡି ୩୩ ୟୁ ୬୫୨୫ ନମ୍ବରଯୁକ୍ତ ୮୦ ନମ୍ବର ରୁଟର ମୋ ବସ୍‌ଟି କଟକରୁ ଆସି ଏହାର ଅନ୍ତିମ ଷ୍ଟପେଜ୍ ଚାରବାଟିଆ ବଜାରକୁ ପ୍ରବେଶ କରୁଥିବାବେଳେ ସମ୍ମୁଖ ପଟୁ ଆସୁଥିବା ଓଡ଼ି ୦୫ ଏକେ ୧୭୨୪ ନମ୍ବରଯୁକ୍ତ ବାଇକ୍‌ଟି ହଠାତ୍ ବସ ଦେହରେ ଘସି ହୋଇଯିବାରୁ ବାଇକ୍‌ଟି ତଳେ ପଡ଼ି ଯାଇଥିଲା। ଫଳରେ ବାଇକ୍‌ରେ ଥିବା ଦୀପୁ ଓ କିଶୋର ବାଇକ୍‌ରୁ ଖସି ବସ୍ ତଳେ ପଡ଼ି ଯାଇଥିଲେ। ବସ୍‌ର ପଛଚକ ସେମାନଙ୍କ ଉପରେ ଚଢ଼ି ଯିବାରୁ ଦୀପୁର ଡାହାଣ ଗୋଡ଼ ଭାଙ୍ଗି ଯିବା ସହିତ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ କିଶୋରଙ୍କର ଦୁଇଗୋଡ଼ ମଧ୍ୟ ଭାଙ୍ଗିଯାଇଛି। ଖବର ପାଇ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଲୋକମାନଙ୍କୁ ବୁଝାସୁଝା କରିବା ସହିତ ବସ୍‌କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ରକ୍ଷା କରି ଥାନାକୁ ଆଣିବା ସହିତ ଡ୍ରାଇଭରକୁ ଅଟକ ରଖିଛନ୍ତି।

## ଛାତ୍ରୀଙ୍କ ଜିଲ୍ଲାସ୍ତରୀୟ ପ୍ରତିଭା ପ୍ରଦର୍ଶନ ଉତ୍ସବ



**କଟକ,୧୫।୧୨(ସମିସ):** କଟକ ନୃତ୍ୟଉତ୍ସବ କମିଟି ପକ୍ଷରୁ ସ୍ଥାନୀୟ ରେଭେନ୍ସା ସରକାରୀ ବାଳିକା ବିଦ୍ୟାଳୟରେ ୧୫ତମ ଜିଲ୍ଲାସ୍ତରୀୟ ବିବିଧ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାଳୟ ଅଭିଭାବକ କମିଟିର ସଭାପତି ହୃଷିକେଶ ବଳ ଉଦଘାଟନ କରିଥିବା ବେଳେ ୱାକଫ ବୋର୍ଡର ପ୍ରାକ୍ତନ ଅଧ୍ୟକ୍ଷ ସୟଦ ଏକ୍ରାମ ହୁସେନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମିନି ସବ ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଡ୍ରଇଂ, ଏକକ ଅଭିନୟ, ଓଡିଶୀ ଲୋକନୃତ୍ୟ ଭଜନ ଓ ଆଧୁନିକ ନୃତ୍ୟ ଉପରେ ଶତାଧିକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। କମିଟି ପକ୍ଷରୁ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ତାଙ୍କ ପ୍ରତିଭା ପ୍ରଦର୍ଶନ ପରେ ପ୍ରମାଣପତ୍ର ସହିତ ମେଡାଲ ପ୍ରଦାନ କରାଯାଇଥିଲା। କମିଟି ପକ୍ଷରୁ ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର ଏହାକୁ ପରିଚାଳନା କରିଥିବା ବେଳେ ଏଥିରେ ଉଲ୍ଲାସ ସେନ, ଡାକ୍ତର ଦୁର୍ଗାଚରଣ ଦାଶ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ଜିତେନ୍ଦ୍ର ପ୍ରସାଦ, ବିନୋଦ ଦାସ, ସ୍ନେହାଶିଷ ଦାସ, ପାର୍ଥସାରଥୀ ସ୍ୱାଇଁ, ବିଶ୍ୱଜିତ ସେନାପତି, ସୁନୀଲ ଦାସ, ସତ୍ୟପ୍ରସାଦ ବଳସାମନ୍ତ, ଶକ୍ତିପ୍ରସାଦ ସାମଲ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ କମିଟି ପକ୍ଷରୁ ଚଳିତ ମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ୧୫ତମ ସାତସାହି କଟକ ନୃତ୍ୟ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

### ମଧୁ ବାରିଷ୍ଟର ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଭୁବନେଶ୍ୱର ବାର୍ ଚାମ୍ପିଅନ; କଟକ ରନର୍ସଅପ



**କଟକ,୧୫।୧୨(ସମିସ):** କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ଆଜି ତ୍ରିଶୂଳିଆସ୍ଥିତ ନରଣପୁର ଖେଳ ପଡିଆରେ ଚତୁର୍ଥ ବାର୍ଷିକ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। କଟକ ବାର ଆସୋସିଏସନ ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଢେଙ୍କାନାଳ ବାର ଆସୋସିଏସନକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଭୁବନେଶ୍ୱର ବାର ଆସୋସିଏସନ ଓ କଟକ ବାର ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏସନ ବିଜୟ ଲାଭ କରି ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ର ଚାମ୍ପିଅନ ହୋଇଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ଭୁବନେଶ୍ୱର ବାର ଆସୋସିଏସନର ଆଶୁତୋଷ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଦିବସରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ରୂପେ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଭୁବନେଶ୍ୱର ବାର ଆସୋସିଏସନର ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, କଟକ ବାର ଆସୋସିଏସନର ସହ ସମ୍ପାଦକ ନୀତା ଶତପଥୀଙ୍କ ସହିତ ବରିଷ୍ଠ ଆଇନଜୀବୀ ପାର୍ଥ ସାରଥୀ ନାୟକ, ଶରତ ଚନ୍ଦ୍ର ପ୍ରଧାନ, ଧ୍ରୁବ ଚରଣ ରାଉତ, ଶୁଭ୍ରାଂଶୁ ମହାନ୍ତି, ତାପସ ନାୟକ, ନେପାଳ ସାମନ୍ତ, ସ୍ମୃତି ରଞ୍ଜନ ରାଉତ, ସୁବାଶିଷ ପଟ୍ଟନାୟକ, ସ୍ୱଦେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଆଇନଜୀବୀ ନିରଞ୍ଜନ ବେହେରା, ହରି ଓଝା, ରୋହିତ ରଞ୍ଜନ ସ୍ୱାଇଁ, ବିଶ୍ୱଜିତ ସିଂ, ଅରବିନ୍ଦ ପଟ୍ଟନାୟକ, ରଶ୍ମି ରଞ୍ଜନ ସ୍ୱାଇଁ, ପ୍ରଭାତ ସାହୁ, ଲକ୍ଷ୍ମୀ ନାରାୟଣ ମିଶ୍ର, ତ୍ରିଲୋଚନ ରାମ, ଶିବାନନ୍ଦ ମହାରଣା, ଜ୍ୟୋତିରଞ୍ଜନ ତ୍ରିପାଠୀ, ପଙ୍କଜ ଜଟି, ଅନୀଲ ନାୟକ, ଜ୍ୟୋତିରଞ୍ଜନ ରାୟ, ତୁଷାରକାନ୍ତି, ପ୍ରଭାତ ତ୍ରିପାଠୀ ସହଯୋଗ କରିଥିଲେ।

### ■ ମୋ ବସ୍‌ରେ ଅଗ୍ନିକାଣ୍ଡ ଘଟଣା

## ତଦନ୍ତ ପାଇଁ ବୈଷୟିକ କମିଟି ଗଠିତ

**କଟକ,୧୫ ।୧୨(ସମିସ):** ମଧୁପାଟଣା ଥାନା ଅନ୍ତର୍ଗତ ଲିଙ୍କ୍‌ରୋଡ୍‌ରେ ଶନିବାର ଏକ ମୋ ବସ୍‌ରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରାଯିବ। ଏହି ଘଟଣାକୁ ଗୁରୁତର ସହିତ ଗ୍ରହଣ କରି ସରକାରଙ୍କ ପକ୍ଷରୁ ତଦନ୍ତ ନିମନ୍ତେ ଏକ ଟେକ୍ନିକାଲ୍ କମିଟି ଗଠନ କରାଯାଇଛି। ରାତି ୮ଟା ୪୦ ସମୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ମୋ ବସ୍’ରେ ହଠାତ୍ ନିଆଁ ଲାଗିଯିବାରୁ ବସ୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ଖପୁରିଆ ମାଛ ଗୋଦାମରୁ ମଧୁପାଟଣା ଛକ ଯିବା ରାସ୍ତାରେ ଏକ ଖାଲି ମୋ ବସ’(ଓଡି-୩୩-ୟୁ-୭୧୧୧) ଛିଡା ହୋଇଥିଲା। ଡ୍ରାଇଭର ଗାଡିରେ କିଛି ମରାମତି କାର୍ଯ୍ୟ କରୁଥିଲେ। ଏତିକିବେଳେ ଇଞ୍ଜିନରୁ ପ୍ରବଳମାତ୍ରାରେ ଧୂଆଁ ବାହାରିଥିଲା। ଚାହୁଁ ଚାହୁଁ ଇଞ୍ଜିନ ଜଳିଉଠିଥିଲା। ସୌଭାଗ୍ୟବଶତଃ ବସ୍‌ରେ କୌଣସି ଯାତ୍ରୀ ନଥିଲେ। ଏକ ବଡ଼ ଧରଣର ବିପଦ ଟଳି ଯାଇଥିଲା। ଏହି ଘଟଣାରେ ଗଠିତ ହୋଇଥିବା ବୈଷୟିକ ତଦନ୍ତ ଟିମ୍‌ରେ କ୍ରୁଟ୍(କ୍ୟାପିଟାଲ୍ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ)ର ପରିଚାଳନା ନିର୍ଦ୍ଦେଶକ ଓ ଟେକ୍ନିକାଲ୍ ଟିମ୍ ରହିଛନ୍ତି। କଟକ ଏମ୍‌ଭିଆଇ ବିଶ୍ୱଜିତ୍ ଦାସ, ଆରଟିଓ ବିରଞ୍ଚି ନାରାୟଣ ଅଧିକାରୀ, ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଏଏଫ୍‌ଓ ସଞ୍ଜିବ କୁମାର ବେହେରା ରହିଛନ୍ତି। ସୋମବାର ଏକ ଜରୁରୀ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାପରେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏହି କମିଟି ସରକାରଙ୍କୁ ପ୍ରଦାନ କରିବ ବୋଲି ସୂଚନା ମିଳିଛି।



ଆରଟିଓ, ଏମ୍‌ଭିଆଇ, ଅଗ୍ନିଶମ ବିଭାଗ ଓ କ୍ରୁଟ୍ ଦେବେ ରିପୋର୍ଟ

## ବୋର୍ଡ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**କଟକ,୧୫।୧୨(ସମିସ):** ୧୩ ଓ ୧୪ ତାରିଖ ଦୁଇଦିନ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ୍ ଠାରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ସଭାପତି ଶ୍ରୀକାନ୍ତ ତରାଇ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ପରିଷଦର ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚିନ୍ମୟ ଦାସ, ସ୍ଥାନୀୟ କର୍ପୋରେଟର ପ୍ରଦୀପ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ ଦୈତାରି ସାହୁ ଓ ପ୍ରାକ୍ତନ କ୍ରୀଡ଼ା ଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତି ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମିଳା ଜେନା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଆଶାଲତା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟସ୍ତରୀୟ କ୍ଷୁଦ୍ର ପତ୍ରିକା ପ୍ରସ୍ତୁତିରେ ବିଦ୍ୟାଳୟ ତଥା କଟକ ଜିଲ୍ଲାକୁ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଆଣିଦେଇଥିବା ଛାତ୍ରଛାତ୍ରୀ ପ୍ରଭୁସାରଥୀ ନାୟକ, ଆକାଂକ୍ଷା ପାତ୍ର, ଆୟୁଷ୍ମିତା ରାଉତ ଓ ଗାଇଡ୍ ଶିକ୍ଷୟିତ୍ରୀ ପ୍ରଭାସିନୀ ଦତ୍ତ ଓ ସସ୍ମିତା ବେହେରାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳାବାଗ ଥାନାର ଆଇଆଇସି ଉମାକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ, ୟୁନିଅନ୍ ବ୍ୟାଙ୍କର ଅଧିକାରୀ ରାଜଶ୍ରୀ ବେଉରା ଓ ତବସୁମ୍ ନାଜ୍, ପ୍ରାକ୍ତନ ପ୍ରଧାନଶିକ୍ଷକ ଦୈତ୍ୟାରି ସାହୁ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତି, ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜ୍ୟୋତ୍ସ୍ନାରାଣୀ ଷଡ଼ଙ୍ଗୀ ଓ ପ୍ରାକ୍ତନ ଶିକ୍ଷକ ନାରାୟଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅତିଥି ପରିଚୟ,ବରିଷ୍ଠ ଶିକ୍ଷୟିତ୍ରୀ ଅମ୍ବିକା ପୃଷ୍ଟି ସ୍ୱାଗତ ଭାଷଣ ଓ କ୍ରୀଡ଼ା ଶିକ୍ଷକ ପ୍ରମୋଦ ପାଲ୍ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପିତା ନାୟକ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ପିରାମିଡ ପ୍ରଦର୍ଶନ କରିଥିଲେ। କ୍ରୀଡ଼ାଶିକ୍ଷକ ପ୍ରମୋଦ ପାଲ୍ ଓ ସୁଦେଷ୍ଣା ଭୂୟାଁଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଭାଇସ୍ ଚେୟାରମ୍ୟାନ୍ ସସ୍ମିତା ପାଣିଗ୍ରାହୀଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଓ ବିଦ୍ୟାଳୟ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସିନିୟର ବାଳକ ବିଭାଗରେ ସେକ୍ ଜାଭେଦ୍ ହୁସେନ୍ ଓ ବାଳିକା ବିଭାଗରେ ଅନୁଷ୍କା ନାଟିଆ ଚାମ୍ପିଅନ୍ ହୋଇଥିବାବେଳେ ଜୁନିୟର୍ ବାଳକ ବିଭାଗରେ ଶୁଭମ୍ ବାରିକ ଓ ପ୍ରିୟାଂଶି ରାଉତ ଚାମ୍ପିଅନ ହୋଇଥିଲେ।

## ଯୌତୁକ ପାଇଁ ବଧୂ ହତ୍ୟା; ଅଭିଯୁକ୍ତ ସ୍ୱାମୀ ଗିରଫ

କଟକ,୧୫ ।୧୨(ସମିସ)



ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଆଜି ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସ୍ଥାନୀୟ ତଳସାହିର ସୁଭଦ୍ରା ସାହୁ(୩୧)। ଯୌତୁକ ଦେଇ ନ ପାରିବାରୁ ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦିଆଯାଇଥିବା ମୃତକଙ୍କ ବାପଘର ଲୋକ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ମାମଲ ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସେ ହେଉଛି ମଣିନାଥ ସାହୁ। ଆଜି କୋର୍ଟ ଚାଲାଣ କରାଯାଇ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ମାହାଙ୍ଗା ଭଦ୍ରେଶ୍ୱର ଅଞ୍ଚଳର ରମେଶଚନ୍ଦ୍ର ସାହୁଙ୍କ ଝିଅ ସୁଭଦ୍ରା ଗତ ୨୦୧୬ ମସିହାରେ ଚାଉଳିଆଗଞ୍ଜ ତଳସାହିର ମଣିନାଥଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛି ମାସ ପରେ ଶାଶୁଘର ଲୋକେ ପୁଣି ଲକ୍ଷାଧିକ ଟଙ୍କା ଦାବି କରିଥିଲେ। ଏହି ଟଙ୍କା ଦେଇନପାରିବାରୁ ମଣିନାଥ ଓ ତାଙ୍କ ପରିବାର ସଦସ୍ୟ ସୁଭଦ୍ରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏହା ଭିତରେ ସୁଭଦ୍ରା ଗୋଟିଏ ପୁତ୍ର ସନ୍ତାନର ଜନନୀ ହୋଇଥିଲେ। ଗତ ୨ ବର୍ଷ ତଳେ ସେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଏହାପରଠୁ ନିର୍ଯାତନା ଆହୁରି ବଢିଯାଇଥିଲା। ଝିଅ ଜନ୍ମ ହେବା ପରେ ତାର ଲାଳନପାଳନ ପାଇଁ ୨୦ ଲକ୍ଷ ଟଙ୍କା ଆଣିବାକୁ କହିଥିଲେ। ମାତ୍ର ସୁଭଦ୍ରା ଟଙ୍କା ଆଣି ନ ପାରିବାରୁ ମଣିନାଥ ତାଙ୍କୁ ଅଧିକାଂଶ ସମୟରେ ମାରଧର କରୁଥିଲେ। ଏହିଭଳି କଳହ ଲାଗିରହିବାରୁ ଗତ ନଭେମ୍ବର ୧୬ ତାରିଖ ଦିନ ସୁଭଦ୍ରା ନିଜ ବାପଘରକୁ ଚାଲିଆସିଥିଲେ। ଏହାର ୮ ଦିନ ପରେ ଅର୍ଥାତ ୨୪ ତାରିଖ ଦିନ ମଣିନାଥ ତାଙ୍କ ପରିବାର ସଦସ୍ୟଙ୍କ ସହ ପହଞ୍ଚିଲେ। ବୁଝାସୁଝା ପରେ କୌଣସି ପ୍ରକାର ନିର୍ଯାତନା ଦେବେନି ବୋଲି ପ୍ରତିଶ୍ରୁତି ଦେବାରୁ ସୁଭଦ୍ରା ତାଙ୍କ ସଙ୍ଗେ ଶାଶୂଘରକୁ ଫେରିଥିଲେ। ହେଲେ ଶନିବାର ଦିନ ପ୍ରାୟ ୧୧ଟା ସମୟରେ ଜଣେ ବ୍ୟକ୍ତି ସୁଭଦ୍ରାଙ୍କ ମାଆଙ୍କୁ ଫୋନ କରି ଜଣାଇଲେ ଯେ ତାଙ୍କ ଝିଅ ଆତ୍ମହତ୍ୟା କରିଛି। ଘଟଣା ପରେ ରମେଶ ଓ ଅନ୍ୟ ସମ୍ପର୍କୀୟମାନେ ଆସି ଦେଖିଲେ ଯେ, ଝିଅକୁ ମେଡିକାଲ ନେଇଯାଇଛନ୍ତି। ଆଉ ମଣିନାଥ ତାଙ୍କ ପରିବାର ସଦସ୍ୟମାନେ ଥାନାରେ ଅଛନ୍ତି। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ମୃତକଙ୍କ ବାପା ରମେଶ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ପୁଲିସ କେସ ନଂ ୩୨୬/୨୪, ବିଏନଏସର ଧାରା ୧୦୩(୧), ୮୫, ୩(୫), ୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଣିନାଥଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି।

## ଡିଏନ୍‌ଏ ଜୁନିଅର ପ୍ରି-ସ୍କୁଲରେ ବାର୍ଷିକ ଉତ୍ସବ



**କଟକ,୧୫।୧୨(ସମିସ):** ସିଡିଏ ସେକ୍ଟର୍-୭ରେ ଅବସ୍ଥିତ ଡିଏନ୍‌ଏ ଜୁନିଅର୍ ପ୍ରି-ସ୍କୁଲର ନଟଖଟ୍ କୃଷ୍ଣ ନାମକ ୨୦୨୪-୨୫ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ସାଗରିକା ବେହେରାଙ୍କ ପୌରହିତ୍ୟ ଏବଂ ନିର୍ଦ୍ଦେଶକ ଇଂ ସୁମିତ୍ ରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ଅତିଥିଭାବେ ସାଇବର ଥାନାର ଆଇଆଇସି ରଶ୍ମିତା ଜେନା, ପୁରାତନ ପ୍ରଧାନଶିକ୍ଷକ ଏନ.ଏସ୍. ପ୍ରସାଦ, ଡିଏଭି ସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସନ୍ଧ୍ୟା ଚିମଲ୍ପତି, ରୋଟାରୀ ଇଣ୍ଟରନ୍ୟାସନାଲ ଓଡ଼ିଶା ଶାଖାର ଗଭର୍ଣ୍ଣର ଶ୍ରୀ ଯଜ୍ଞାଶିଷ ମହାପାତ୍ର ଯୋଗଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ଏବଂ ସହଯୋଗୀ କର୍ମୀଙ୍କୁ ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରେମ ନିଶାନ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବୁଥ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

ମାହାଙ୍ଗା, ୧୫।୧୨(ସମିସ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ମାହାଙ୍ଗା ବ୍ଲକ ଅନ୍ତର୍ଗତ କଇଥା ପଞ୍ଚାୟତରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ବୁଥସ୍ତରୀୟ ନୂତନ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପଞ୍ଚାୟତ ସଭାପତି ମନୋଜ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବୁଥ ସଭାପତି ଅନାଦି ସାହୁ, ପ୍ରଶାନ୍ତ ରାଉତ, ଅଶୋକ ବେହେରା, ଅଜିତ ସାମଲ, ଅମୂଲ୍ୟ ଜେନା, ନାରାୟଣ ଖୁଣ୍ଟିଆ, ଅରୁଣ ସାହୁ ପ୍ରମୁଖଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ରଶ୍ମିରଞ୍ଜନ ସ୍ୱାଇଁ, ରଞ୍ଜିତ ବେହେରା, ଗଣେଶ୍ୱର ଖଟୁଆ ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଶରତ କୁମାର ନାଥ ଧନ୍ୟବାଦ ଦେଇଥିଲେ।

### ଗ୍ରାମାଞ୍ଚଳରେ ଅଣ୍ଡା ଦର ୮ରୁ ୯ ଟଙ୍କା

# ଆଳୁ, ପିଆଜ, ରସୁଣ ପରେ ଅଣ୍ଡା ଟେନ୍‌ସନ୍

ତିଗିରିଆ, ୧୫।୧୨(ସମିସ): ଗ୍ରାମାଞ୍ଚଳରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଦର ଧିରେ ଧିରେ ଉପରମୁହାଁ ହେଉଛି। ଗତ କିଛି ଦିନ ଧରି ପିଆଜ, ରସୁଣ ଓ ଆଳୁର ଦର ଉପରମୁହାଁ ହୋଇ ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତ ପରିବାରର ମୁଣ୍ଡ ବ୍ୟଥା ସୃଷ୍ଟି କରି ରହିଥିବା ବେଳେ ଗତ ୩ ଦିନ ମଧ୍ୟରେ ଅଣ୍ଡାର ଦର ଜନସାଧାରଣଙ୍କୁ ଚକିତ କରିଛି। ସମ୍ପ୍ରତି ତିଗିରିଆ ବ୍ଲକର ସମସ୍ତ ହାଟ, ବଜାର ଏପରିକି ଗାଁଉଲି ଦୋକାନମାନଙ୍କରେ ଅଣ୍ଡାର ଦର ବୃଦ୍ଧି ପାଇ ୮ ଟଙ୍କାରେ ପହଁଞ୍ଚିଛି। ଯାହାଦ୍ୱାରା ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତ ପରିବାରକୁ ବେଶ ବାଧୁଛି। ବର୍ତ୍ତମାନ ତିଗିରିଆ ବ୍ଲକରେ ମାଛ ଦର ୨୨୦ ଟଙ୍କା ରହିଥିବା ବେଳେ ଛେଳି ମାଂସ ଦର ୭୫୦ ଓ ଚିକେନ୍ ଦର ୨୫୦ ଟଙ୍କା ରହିଛି। ଯାହାଦ୍ୱାରା ଆମିଷ ବାରରେ ମଧ୍ୟବିତ୍ତ ଓ ନିମ୍ନ ମାଧ୍ୟମିକ ପରିବାରର ମାସକରେ ଯେ କୌଣସି ଗୋଟିଏ ଆମିଷ ବାରରେ ମାଛ କି ଚିକେନରେ କାମ ଚଳେଇବାକୁ ବାଧ ହୋଇଥାଏ ଓ ସପ୍ତାହର ଅନ୍ୟ ଆମିଷ ବାରରେ ଅଣ୍ଡାରେ କାମ ଚଳାଇବାକୁ ପଡ଼ିଥାଏ। କିନ୍ତୁ ଗତ ଏକ ସପ୍ତାହ ମଧ୍ୟରେ ତିଗିରିଆ ହାଟ ବଜାରରେ ଅଣ୍ଡାର ଦର ହଠାତ୍ ବୃଦ୍ଧି ପାଇଛି। ଫଳରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରର ଆମିଷ ଖାଇବା ସଉକ୍ ଉପରେ ବିଶେଷ ପ୍ରଭାବ ପଡ଼ିବା ସହ ସାଧାରଣ ଜନତାଙ୍କ ପକେଟକୁ ଖୁବ୍ ବାଧୁଛି। ସୂଚନା ମୁତାବକ ଗ୍ରାମାଞ୍ଚଳରେ



ଆଳୁ ଓ ପିଆଜ ପରି ଅଣ୍ଡା ଦର ପାଇଁ ଟେନସନ ଆରମ୍ଭ ହୋଇଛି। ଅଣ୍ଡା ଦର ଅତି ସନ୍ତର୍ପଣରେ ୮ରେ ପହଞ୍ଚିଛି। ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧିରେ ସାମିଲ ହୋଇଛି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରର ପ୍ରମୁଖ ଆମିଷ ସାମଗ୍ରୀ ଅଣ୍ଡା। ବର୍ତ୍ତମାନ ସୁଦ୍ଧା ଆଳୁ, ପିଆଜ, ରସୁଣ ଦରକୁ ନେଇ ଜନସାଧାରଣରୁ ଉଷ୍ମତା ଭାଙ୍ଗି ନ ଥିବା ବେଳେ ଅଣ୍ଡାର ଦର ବୃଦ୍ଧିକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି।

ରାଜ୍ୟର ବିଭିନ୍ନ ଅଣ୍ଡା ହୋଲସେଲ ପଏଣ୍ଟ ଗୁଡିକର ଅଣ୍ଡା ପେଟିର ଦାମ ୧୩୫୦ରୁ ୧୪୫୦ ରହୁଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ପେଟି ପିଛା ୧୮୫୦ ଓ ଏହାର ଟ୍ରାନସ୍‌ପୋର୍ଟ ପାଇଁ ଆଉ ୧୦୦ ଶହ ଅଧିକ ଖର୍ଚ୍ଚ ହେବାରୁ ଅଣ୍ଡା ଦାମ୍ ବୃଦ୍ଧିକରି ସ୍ୱଇଚ୍ଛାରେ ୮ରୁ ୯ ଟଙ୍କା ଦରରେ ଅଣ୍ଡା ବିକ୍ରି କରୁଥିବାର ନଜରକୁ ଆସିଛି। ମାତ୍ରାଧିକ ଦର ପାଇଁ ମାଛ, ଚିକେନ, ମଟନ ପରି ଆମିଷ ଠାରୁ ଦୂରରେ ଥିବା ସାଧାରଣ ଗରିବ ଜନସାଧାରଣ ଏବେ ଅଣ୍ଡା ଖାଇବାକୁ ଭୟ କରୁଛନ୍ତି। ଅଣ୍ଡାର ଦରବୃଦ୍ଧି ପାଇଁ ଗ୍ରାହକ ଏବେ ଚିନ୍ତାରେ ଥିବା ବେଳେ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ଏନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରୁ ଦାବି ହେଉଛି।

## ଭାରତୀୟ ଅର୍ଥ ଓ ଶିକ୍ଷାନୀତି ଆଲୋଚନାଚକ୍ର



ଟାଙ୍ଗୀ, ୧୫।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଟାଙ୍ଗୀ ମହାବିଦ୍ୟାଳୟ ପରିସରରେ ଦୁଇଟି ପର୍ଯ୍ୟାୟରେ ଆର୍ଥିକ ନୀତି ଓ ଭାରତୀୟ ଅର୍ଥନୀତିରେ ପ୍ରଭାବ ଏବଂ ଜାତୀୟ ଶିକ୍ଷାନୀତି ୨୦୨୫ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଭୟ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ପ୍ରଫେସର ଇକବାଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଚୌଦ୍ୱାର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଦାଶ ଯୋଗଦେଇ ଭାରତୀୟ ଅର୍ଥନୀତିରେ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅର୍ଥନୀତି ସମ୍ମାନ ବିଭାଗର ଛାତ୍ରଛାତ୍ରୀ ସନ୍ଦର୍ଭ ପଠନ କରିଥିଲେ। ଅଧ୍ୟାପିକା ମନିଷା ମିଶ୍ର ସଭା ପରିଚାଳନା କରିଥିବାବେଳେ ପିଜିଟି ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସେହିଭଳି ଅନ୍ୟ ଦିବସରେ ଜାତୀୟ ଶିକ୍ଷାନୀତି ୨୦୨୫ ଆଲୋଚନାଚକ୍ରରେ ବକ୍ତା ଭାବେ ବିବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଧାପକ ସତ୍ୟବ୍ରତ ପୃଷ୍ଟି ଯୋଗଦେଇ ଜାତୀୟ ଶିକ୍ଷାନୀତି ଉପରେ ବକ୍ତବ୍ୟ ରଖିଥିବାବେଳେ ଛାତ୍ରଛାତ୍ରୀ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ପ୍ରଧାପିକା ଡ଼ ଜୟଶ୍ରୀ ମିଶ୍ର ପରିଚାଳନା କରିଥିଲେ। ଛାତ୍ର ଗୁରୁପ୍ରସାଦ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ



ଆଠଗଡ଼, ୧୫।୧୨(ସମିସ): ଆଠଗଡ଼ ବ୍ଲକ ବଡଭୁଇଁ ପଞ୍ଚାୟତ ଅନ୍ତର୍ଗତ ଜାଗିଆପଡ଼ା ଗ୍ରାମରେ ଗତ ୧୩ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଗଠିତ ବୋମାମାଡ ଘଟଣାରେ ଆଠଗଡ଼ ପୁଲିସ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଅଜୁ ଓରଫ ବିଷ୍ଣୁଚରଣ ଖଟୁଆ (୨୭)କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମର ପ୍ରଭାତ କୁମାର ରାଉତଙ୍କୁ ବଡଭୂଇଁ ଓ ଘୋଳପୁର ଗ୍ରାମର ୩ ଜଣ ଯୁବକ ଏକ ସାକ୍ଷୀ ଘଟଣା ସହିତ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରଭାତଙ୍କ ଘର ଆଗରେ ଖଣ୍ଡା ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୋମାମାଡ କରିଥିଲେ। ପ୍ରଭାତଙ୍କ ପତ୍ନୀ କୃଷ୍ଣପ୍ରିୟା ଏ ନେଇ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ଆଠଗଡ଼ ଥାନାରେ ମାମଲା ରୁଜୁ କରାଯାଇ ଅନୁସନ୍ଧାନ ଜାରି ରହିଥିବା ବେଳେ ପୁଲିସ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅଜୁ ଓରଫ ବିଷ୍ଣୁ ଚରଣ ଖଟୁଆକୁ ଜାଗିଆପଡ଼ା ଗ୍ରାମରୁ ଗିରଫ କରିବାରେ ସକ୍ଷମ ହୋଇଛି।

## ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ନରସିଂହପୁର, ୧୫।୧୨(ସମିସ): ନରସିଂହପୁର ବ୍ଲକ ତୈଳିକ ବୈଶ୍ୟ ସମାଜରେ ରହିଥିବା 'କ' ପୁଞ୍ଜି ପକ୍ଷରୁ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବରଡିହ ବିଦ୍ୟାଳୟରେ 'କ' ପୁଞ୍ଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଲେଖ ପ୍ରସାଦ ସାହୁ, ସମ୍ମାନିତ ଅତିଥିଭାବେ ମେଘନାଦ ସାହୁ, ଧ୍ରୁବଚରଣ ସାହୁ, ବିଜୟ ସାହୁ, ନବକିଶୋର ସାହୁ, ସରୋଜ ସାହୁ, ପ୍ରଦୀପ୍ତ ସାହୁ, ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ପ୍ରାକ୍ତନ ସଭାପତି ବସନ୍ତ ସାହୁ, ଶିକ୍ଷାବିତ ବୈକୁଣ୍ଠ ବିହାରୀ ସାହୁ, ସାନନ୍ଦ ସାହୁ, ନିହାର ରଞ୍ଜନ ସାହୁ, ନବ କିଶୋର ସାହୁ, ପିତବାସ ସାହୁ, ବାଙ୍କ ବିହାରୀ ସାହୁ, ପ୍ରସନ୍ନ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## କମ୍ବଳ ବଣ୍ଟନ ଓ ଅନ୍ନଦାନ କାର୍ଯ୍ୟକ୍ରମ



କଣ୍ଟାପଡ଼ା, ୧୫।୧୨(ସମିସ): କଣ୍ଟାପଡ଼ା ଗ୍ରାମର ମହାପ୍ରଭୁ ଗତେଶ୍ୱରଙ୍କ ପ୍ରାଙ୍ଗଣରେ ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ୩୦୦ରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ମହିଳାଙ୍କୁ କମ୍ବଳ ବଣ୍ଟନ ସହ ଅନ୍ନଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟର ଚେୟାରମ୍ୟାନ ଅବନୀ ବେହେରା ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାନେତ୍ରୀ ଭାରତୀ ବେହେରା, ନିରୂପମା ବେହେରା ସମାଜସେବୀ ତଥା ଗତେଶ୍ୱର ମନ୍ଦିର କମିଟି ସଭାପତି ବିପିନ ବେହେରା, କଣ୍ଟାପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା କଣ୍ଟାପଡ଼ା ବ୍ଲକ ସରପଞ୍ଚ ସଂଘର ସମ୍ପାଦକ ନିର୍ମଳ ସାହୁ, ବ୍ରାହ୍ମଣବାଟି ସରପଞ୍ଚ ତଥା କଣ୍ଟାପଡ଼ା ବ୍ଲକ ସରପଞ୍ଚ ସଂଘର ସଭାପତି ସଞ୍ଜୟ ରାଉତରାୟ, ସୁକାନ୍ତ ବେହେରା, ମନମୋହନ ବେହେରା, ରବୀନ୍ଦ୍ର ବେହେରା ଓ ମଜନୁ ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ପ୍ରତି ମାସର ଦ୍ୱିତୀୟ ଶନିବାର ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଚାରିଟେବଲ ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି।

## ଶତାୟୁଙ୍କ ପରଲୋକ



ନରସିଂହପୁର, ୧୫।୧୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ଗ୍ରାମର ଶତାୟୁ ବୃଦ୍ଧ ଭୀମସେନ ପ୍ରଧାନ (୧୧୦)ଙ୍କ ରବିବାର ପୂର୍ବାହ୍ନରେ ତାଙ୍କ ବାଲିସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଭୀମସେନ ଜଣେ ଧର୍ମପରାୟଣ ବ୍ୟକ୍ତି ରୂପେ ଏହି ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁଖବର ପାଇ ବହୁ ଦୂରଦୁରାନ୍ତରୁ ଲୋକମାନେ ତାଙ୍କ ଘରକୁ ଆସି ତାଙ୍କର ଶେଷ ଦର୍ଶନ କରିବା ସହ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର, କନ୍ୟା ତଥା ପୁତ୍ରବଧୂମାନେ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ରତ୍ନାକର ପ୍ରଧାନ ଚିତାଗ୍ନି ପ୍ରଦାନ କରିଥିଲେ।

## ଓଷ୍ଟା ତରଫରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା



ନରସିଂହପୁର, ୧୫।୧୨(ସମିସ): ନରସିହପୁର ବ୍ଲକ ଅର୍ନ୍ତଗତ ଡମକଟାସ୍ଥିତ ପଞ୍ଚାୟତ ବିଦ୍ୟାପୀଠ ନିମସାହି-ଡମକଟା ପରିସରରେ ବ୍ଲକସ୍ତରୀୟ ୪୧ତମ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଶାଖା ନରସିଂହପୁର ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆକୁଳ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥିଭାବେ ବଡମ୍ବା ଓଷ୍ଟା ଶାଖା ସଭାପତି ଶ୍ୟାମବନ୍ଧୁ ବେହେରା, ମୁଖ୍ୟବକ୍ତା ଭାବେ ବଡମ୍ବା ଓଷ୍ଟା ଶାଖା ସମ୍ପାଦକ ଅଶୋକ ଧଳ, ସମ୍ମାନିତ ଅତିଥିଭାବେ ସିଆରସିସି ଅଭିମନ୍ୟୁ ଚମ୍ପତିରାୟ, ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ, ପ୍ରଧାନଶିକ୍ଷକ ପ୍ରଦିପ୍ତ ସାହୁ, ଶିକ୍ଷକ ସଞ୍ଜୟ ସାହୁ, ଆଲୋକ ଦଳେଇ, ସୁବାଷ ଚନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ସୁଗମ ପ୍ରସାଦ ଡାଲୁଆ ଯୋଗଦେଇ ଆଜିର ସମାଜରେ ଶିଶୁ ହସିଲେ ଦୁନିଆ ହସିବା ସହିତ ସମଗ୍ର ଅଞ୍ଚଳର ବିକାଶ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ୧୮ଟି ବିଦ୍ୟାଳୟର ୧୫୬ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ପ୍ରଧାନ, ସଂଧ୍ୟାରାଣୀ ବେହେରା, ଗୀତାଞ୍ଜଳି ପଣ୍ଡା, ତୃପ୍ତିମୟୀ ସାହୁ, ବିଜୟଲକ୍ଷ୍ମୀ ସାହୁ, କୁମୁଦିନୀ ସାହୁ, ଉପସଭାପତି ବିଜୟ ସାହୁ, ସନ୍ତୋଷ ଧଳ, ବସନ୍ତ ପାତ୍ର, ସୁଶୀଳ ମିଶ୍ର, ଉଦ୍ଧବ ନାୟକ, ଶ୍ରୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଧାନର ମାନ ପରୀକ୍ଷଣ ତାଲିମ ଶିବିର

ନରସିଂହପୁର, ୧୫।୧୨(ସମିସ): ନରସିଂହପୁର ବ୍ଲକ ଅଧୀନ ଗୋଡିବନ୍ଧ ସମବାୟ ସମିତି ପକ୍ଷରୁ ଗୋପୀନାଥ ଜିଉ ମନ୍ଦିର ପରିସରରେ ଖରିଫ ଧାନର ମାନ ପରୀକ୍ଷଣ ନେଇ ଏକ ପ୍ରସ୍ତୁତ ହୋଇଯାଇଛି। ଗୋଡିବନ୍ଧ ସେବା ସମବାୟ ସମିତି ସମ୍ପାଦକ ସଞ୍ଜିବ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଧରିତ୍ରୀ ସାହୁ, ପଦ୍ମଚରଣ ସାହୁ, ଅନନ୍ତ ଚରଣ ସାହୁ, ରସାନନ୍ଦ ସାହୁ, ବନମାଳୀ ବାରିକ ପ୍ରମୁଖ ଉପସ୍ଥିତ ରହି ଅମଳ ଧାନର ମାନ ପରୀକ୍ଷଣ ତଥା ବିଭିନ୍ନ ମାନ ପାଇଁ ମିଳୁଥିବା ସରକାରୀ ଦର ଉପରେ ଆଲୋଚନା କରିବା ସହିତ ଚାଷୀମାନଙ୍କୁ ସଫାସୁତରା ତଥା ପରିଷ୍କାର ମଣ୍ଡିକୁ ଆଣି ଏହାର ଉଚିତ ମାନପରୀକ୍ଷଣ ପୂର୍ବକ ଏଥିନେଇ ସରକାରୀସ୍ତରରେ ମିଳୁଥିବା ଅର୍ଥ ସଂଗ୍ରହ କରିବାକୁ ସଚେତନ କରାଇଥିଲେ। ଆରତୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



## ପ୍ରାଥମିକ ଶିକ୍ଷକ ସଂଘର ଶପଥ ଓ କାର୍ଯ୍ୟକାରିଣୀ ବୈଠକ

ନିଶ୍ଚିନ୍ତକୋଇଲି, ୧୫।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ ଉତ୍ସବ ଓ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ସଂଘର ସଂଗଠନ ସମ୍ପାଦକ ଅକ୍ଷୟ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଏଥିରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ହୋଇଥିଲେ। ସଂଘର ସଭାପତି ନାରାୟଣ ଚାନ୍ଦଙ୍କ ପୌରୋହିତ୍ୟରେ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ଲେଙ୍କା, ସୀତାକାନ୍ତ ସାମଲ, ଧନେଶ୍ୱର ଜେନା, କୈଳାଶ ଚନ୍ଦ୍ର ସେଠୀ, କାର୍ଯ୍ୟକାରୀ ସଭାପତି ରବେୟା ସରୱର, ସାଧାରଣ ସମ୍ପାଦକ ସୁବାଷ ରାଉତ, ଉପସଭାପତି ଧରଣୀଧର ପରିଡ଼ା, ଦୁର୍ଯ୍ୟୋଧନ ବେହେରା, ସୁନାକର ଭୋଇ, ମୀନତି ନାୟକ, ସହସମ୍ପାଦକ ସୁନୀତା ବେହେରା, ସୁଶାନ୍ତ ନାୟକ, ପ୍ରଭାତୀ ବେହେରା, ସ୍ନେହଲତା ଦାସ, କୋଷାଧ୍ୟକ୍ଷ ପ୍ରଭାକର ସ୍ୱାଇଁ, ମିଡିଆ ସଂଯୋଜକ ଜ୍ଞାନେନ୍ଦ୍ର ଭୂଷଣ ରାଉତରାୟ ପ୍ରମୁଖ ସଂଘର ନୀତିନିୟମ, କାର୍ଯ୍ୟଧାରା, ଶୃଙ୍ଖଳା ଓ ମର୍ଯ୍ୟଦା ରକ୍ଷାକୁ ସୁପରିଚାଳନା କରିବା ପାଇଁ ପ୍ରଥମେ ଶପଥ ଗ୍ରହଣ କରିଥିଲେ। ପରେ କାର୍ଯ୍ୟକାରିଣୀ ବୈଠକରେ ବିଜ୍ଞପ୍ତି-୧ର କାର୍ଯ୍ୟସୂଚୀ ପ୍ରସ୍ତାବ ଗୁଡ଼ିକ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ବ୍ଲକରେ କାର୍ଯ୍ୟରତ ସମସ୍ତ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଂଘର ସଦସ୍ୟ କରିବା ପାଇଁ କର୍ମକର୍ତ୍ତାମାନେ ଅଙ୍ଗୀକାରବଦ୍ଧ ହୋଇଥିଲେ। ନୂତନ ପେନସନଭୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯେଭଳି ବାଟବଣା ହୋଇ ଅନ୍ୟ ସଂଘରେ ଯୋଗ ନ ଦିଅନ୍ତି ସେଥିପାଇଁ କର୍ମକର୍ତ୍ତାମାନେ ଯତ୍ନବାନ ହେବା ସହ ସେମାନେ ଯେଭଳି ଉକ୍ତ ସଂଘରେ ସାମିଲ ହେବେ ସେଥି ପାଇଁ ତାଙ୍କୁ ଆହ୍ୱାନ ଦିଆଯାଇଛି।

## ଛତ୍ରପତି ଶିବାଜୀ କ୍ରିକେଟ କପ୍ ଉଦ୍‌ଘାଟିତ

ତିଗିରିଆ, ୧୫।୧୨(ସମିସ): ତିଗିରିଆ ବ୍ଲକ ନୂଆପାଟଣା କ୍ରିକେଟ ପଡ଼ିଆରେ ରବିବାର ୩୩ତମ ଛତ୍ରପତି ଶିବାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିନ୍ଧାଣିମା କ୍ରିକେଟ ଟିମ୍ ପାଞ୍ଚଗାଁ କ୍ରିକେଟ ଟିମ୍‌କୁ ପରାସ୍ତ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ବିନ୍ଧାଣିମା ଦଳ ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୨୩୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ପାଞ୍ଚଗାଁ ଦଳ ୧୪ ଓଭରରେ ନିଜର ସମସ୍ତ ୱିକେଟ ହରାଇ ମୋଟ ୧୭୧ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଆଜିର ଖେଳରେ ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦ ଓ ନୂଆପାଟଣା ସରପଞ୍ଚ ସୋମନାଥ ଦାସ ଅତିଥିରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିନ୍ଧାଣିମା ଦଳର ରାକେଶ ରାଉତ ୩୪ଟି ବଲରେ ୮୭ ରନ୍ କରି ମ୍ୟାନ୍ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଖେଳକୁ ସୂର୍ଯ୍ୟକାନ୍ତ ନାୟକ ଓ ବିଭୁ ପାଲ୍ ପରିଚାଳନା କରିଥିଲେ।



### ରତାପାଟ ମା' ମହାଲକ୍ଷ୍ମୀ ମହୋତ୍ସବର ଚତୁର୍ଥ ଦିବସ

# କୋଣାର୍କର ଘୋଡ଼ାନାଚରେ ଝୁମିଲେ ଦର୍ଶକ



ବଡମ୍ବା, ୧୫।୧୨(ସମିସ): ବଡମ୍ବା ବ୍ଲକ ରତାପାଟ ମା' ମହାଲକ୍ଷ୍ମୀ ପୂଜା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମିଛନ୍ତି। ପୁରୀର କୋଣାର୍କ ମା ବାଇଦେଇ ଲୋକନୃତ୍ୟର ଘୋଡାନାଚ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାର ମେଲୋଡି କାର୍ଯ୍ୟକ୍ରମର ତାଳେତାଳେ ଦର୍ଶକମାନେ ମହାଲକ୍ଷ୍ମୀ ମହୋତ୍ସବକୁ ଉପଭୋଗ କରିଛନ୍ତି। ଯାତ୍ରା ପରିଚାଳନା କମିଟି ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ କୃଷ୍ଣଚନ୍ଦ୍ର ରାଉତ ମୁଖ୍ୟଅତିଥି ରୂପେ ଯୋଗଦେଇ ଚତୁର୍ଥ ସଂଧ୍ୟାର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅଶୋକ କୁମାର ଧଳ ନିଜ ବକ୍ତବ୍ୟରେ ରତ୍ନପାଟ କିଭଳି ଅପଭ୍ରଂଶ ହୋଇ ରତାପାଟରେ ପରିଣତ ହୋଇଛି ବ୍ୟାଖ୍ୟା କରିଥିଲେ। ମହୋତ୍ସବ ପରିଚାଳନା କମିଟି ଉପସଭାପତି ପ୍ରସନ୍ନ ପ୍ରଧାନ, ସମ୍ପାଦକ ବାମନ ଚରଣ ପଲେଇ, ମିହିର ପ୍ରଧାନ, ସରୋଜକାନ୍ତ ବଳିୟାରସିଂ, କଳିଙ୍ଗକେଶରୀ ପ୍ରଧାନ, ସୋମନାଥ ଖୁଣ୍ଟିଆ, ରବୀନ୍ଦ୍ର ସେଠୀ, ସୁଶାନ୍ତ ନାୟକ, ଅଭିମନ୍ୟୁ ବେହେରାଙ୍କ ସମେତେ ଅନ୍ୟସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଶୋକ କୁମାର ଧଳ ମଞ୍ଚ ପରିଚାଳନା କରିଥିଲେ।

## ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ



**କଟକ, ୧୫।୧୨(ସମିସ):** ସାରା ରାଜ୍ୟରେ ଶୀତର ଲହରୀ ଜାରି ରହିଥିବା ବେଳେ ରାତ୍ରି ସମୟରେ ବିନା ଛାତ ତଳେ ଶୋଉଥିବା ନିରାଶ୍ରୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଶୀତ ଦାଉରୁ ରକ୍ଷା କରିବା ପାଇଁ ମଧ୍ୟ ରାତ୍ରିରେ ଯୁବ ସମାଜସେବୀ ଡା. ରଞ୍ଜନ ବିଶ୍ୱାଳ ଏବଂ ଯୁବ ସମାଜସେବୀ ଜଗତଜ୍ୟୋତି ପଟ୍ଟନାୟକ କଟକ ଖାନନଗର କାଳୀ ମନ୍ଦିର ଓ ସାଇ ମନ୍ଦିର ପରିସରରେ ଶୋଇଥିବା ନିରାଶ୍ରୟଙ୍କୁ କମଳ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଅନେକ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

**ଟାଙ୍ଗୀ, ୧୫।୧୨(ସମିସ):** ରବିବାର ଅପରାହ୍ନରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ଚନ୍ଦନପୁର ଆଦିବାସୀ ବସ୍ତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୪ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଛି। ଚୌଦ୍ୱାରରୁ ଦମକଳ ପହଞ୍ଚିଲା ବେଳକୁ ସବୁକିଛି ଶେଷ ହୋଇଯାଇଥିଲା। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲେ ହେଁ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ ଉପରୋକ୍ତ ବସ୍ତିର ଚନ୍ଦନ ଚାତାରଙ୍କ ପରିବାର ମଧ୍ୟାହ୍ନ ଭୋଜନ ଶେଷ ପରେ ବିଶ୍ରାମ ନେଉଥିଲେ। ଏତିକିବେଳେ ହଠାତ୍ ନିଆଁ ଜଳୁଥିବା ଦେଖି ପରିବାର ଲୋକେ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ପବନ ବହୁଥିବାରୁ ନିଆଁ ଆୟତ୍ତ ବାହାରକୁ ଚାଲିଯାଇଥିଲା। ଫଳରେ ଉକ୍ତ ପରିବାରର ସାଇତା ଧାନ ଚାଉଳ ସହ ଲୁଗାପଟା ଓ ଘରକରଣା ସାମଗ୍ରୀ ପୋଡ଼ିପାଉଁଶ ହୋଇଥିଲା। ଖବରପାଇ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା ଓ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ପୀଡ଼ିତ ପରିବାରକୁ ସାନ୍ତ୍ୱନା ପ୍ରଦାନ ସହ ଆବଶ୍ୟକ ସହାୟତା ଯୋଗାଇଦେଇଛନ୍ତି।



## ରାଜ୍ୟ ଶ୍ରମିକ ସମବାୟ ସମିତି କର୍ମଚାରୀ ସମାବେଶ

**ନିଶ୍ଚିନ୍ତକୋଇଲି, ୧୫।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତରତ ହାଟ ପଡ଼ିଆରେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି କର୍ମଚାରୀମାନଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଛି। ରାଜ୍ୟ ସମ୍ପାଦକ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣେ ସଭ୍ୟାଙ୍କ ପରିବାରକୁ ୨୦ହଜାର ଟଙ୍କାର ଚେକ୍, ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ଦୁଇଜଣ ସଭ୍ୟଙ୍କୁ ୫ହଜାର ଟଙ୍କା ଲେଖାଏଁ ଚେକ୍ ବିଧାୟକଙ୍କ ଦ୍ୱାରା ବଣ୍ଟନ କରାଯିବା ସହ ୧୫ଟି ଦୁସ୍ଥ ପରିବାରକୁ ୧୦ବର୍ଷ ପର୍ଯ୍ୟନ୍ତ ମାଗଣା ରେସନ ବ୍ୟବସ୍ଥାର ବିଧାୟକ ଶୁଭାରମ୍ଭ କରିଥିଲେ। ଏହା ପରେ ତରତ ବଜାରରେ ନୂତନ ଭାବେ ଖୋଲାଯାଇଥିବା ଏସଏସ ମାର୍ଟର ଷ୍ଟୋରକୁ ବିଧାୟକ ଶ୍ରୀ ପ୍ରଧାନ ଫିତା କାଟି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜେଶ କୁମାର ମହାପାତ୍ର, ସ୍ୱରୂପ ରାଉତ, ହୃଷିକେଶ ମିଶ୍ର, ସୁନିତା ବାଗ୍, ସନ୍ଦୀପ ପାଲ, ଶ୍ଲିକସ୍ମିତା ରାୟ, ନମିତା ରାଉତ, ଚିନ୍ମୟୀ ପାଲ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କର୍ମଚାରୀ ସମାବେଶର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଭବାନୀଶଙ୍କର ପାଣିଗ୍ରାହୀଙ୍କ ସଂଯୋଜନାରେ ନିଶ୍ଚିନ୍ତକୋଇଲି ଶାଖା ପରିଚାଳକ ଶୁଭଶ୍ରୀ ମହାପାତ୍ର, ପବିତ୍ର ସାହୁ, ତୃପ୍ତିରଞ୍ଜନ ପରିଡ଼ା, ସରପଞ୍ଚଙ୍କ ପ୍ରତିନିଧି ପ୍ରେମାଦ କୁମାର ପରିଡ଼ା, ଜ୍ଞାନରଞ୍ଜନ ରାଉତ, ଦିବ୍ୟଲୋଚନ ପଣ୍ଡା, ଦିଲ୍ଲୀପ ମହାନ୍ତି, ବର୍ଷା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏକାଦଶାହ କର୍ମ କଲା ସାମାଜିକ ସଂଗଠନ

**ମାହାଙ୍ଗା, ୧୫।୧୨(ସମିସ):** ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତ ଗଙ୍ଗାଧର ଗାଁର ଅଭାବି ମଣିଷ ରାମଚନ୍ଦ୍ର ଜେନାଙ୍କ ଚାରିପ୍ରାଣୀ କୁଟୁମ୍ବ ସଂସାର ଖୁବ୍ ହସଖୁସିରେ ଚାଲିଥିଲା। ଆଜିକୁ ୧୧ଦିନ ହେବ ପୁଅ ଜଗବନ୍ଧୁ ଜେନାଙ୍କ ମାତ୍ର ୩୨ବର୍ଷ ବୟସରେ ମୃତ୍ୟୁ ଘଟିଲା। ଅଭାବ ଅନଟନ ଭିତରେ ପୁଅ ଗଙ୍ଗାଧର ବାପା ରାମଚନ୍ଦ୍ରଙ୍କୁ ଛାଡି ଆରପାରିକୁ ଚାଲିଗଲେ। ପୁଅର ମୃତଦେହ ସଂସ୍କାର କରିବା ଲାଗି ପଇସା ନ ଥିବାରୁ ମୃତଦେହକୁ ପୋତିବାକୁ ପଡ଼ିଥିଲା। ପୁଅର ମୃତ୍ୟୁ ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ମାହାଙ୍ଗାର ଅଗ୍ରିମ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ସମାଜ ସେବା ସଂଗଠନ ପକ୍ଷରୁ ଏକାଦଶାହ କର୍ମ କରିବା ଲାଗି ସଂଗଠନର ସଭାପତି ଉତ୍କଳ ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଗଙ୍ଗାଧରଙ୍କ ଏକାଦଶାହ କର୍ମ ଲାଗି ଏକ ଭୋଜିର ଆୟୋଜନ କରାଯିବା ସହ ୩୦୦ରୁ ଊର୍ଦ୍ଧ୍ୱ ଲୋକେ ଭୋଜିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ସାମନ୍ତରାୟ, ସଂପାଦକ ସଞ୍ଜୟ ପଣ୍ଡା, ସହସଂପାଦକ ଅଜୟ ବଳ, ସୁଶାନ୍ତ ଦାସ, ହିମାଂଶୁ ଶତପଥୀ, ସୁଦୀପ ଦାସ, ଭାବଗ୍ରାହୀ ମହାରଣା, ଅଖିଳେଶପଦ ମହାନ୍ତି, ଅମୀୟ ବିଶ୍ୱାଳ, ସରୋଜ ରଣା, ସନ୍ତୋଷ ରଣା, ରମେଶ ଦାଶ, ସତ୍ୟବ୍ରତ ବାରିକ୍, ଭାଗ୍ୟଧର ଜେନା, ଉତ୍ତମ ପ୍ରସାଦ ରାଉତ, ପୂର୍ଣ୍ଣାନନ୍ଦ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

### ଦୁଇଟି ଅବଧି ପରେ ବି ସରୁନି ରାସ୍ତା ନିର୍ମାଣ

# କେନ୍ଦୁପାଟଣା ଛକ-ରାଇସୁଙ୍ଗୁଡ଼ା ରାସ୍ତା ଅଧପନ୍ତରିଆ

**ନିଶ୍ଚିନ୍ତକୋଇଲି, ୧୫।୧୨(ସମିସ)**






ନିଶ୍ଚିନ୍ତକୋଇଲି ଗ୍ରାମ୍ୟଉନ୍ନୟନ ବିଭାଗରେ ଦାୟିତ୍ୱହୀନତା ଏବଂ ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କ ମନମାନି ପାଇଁ ଭାୟା କାଜିହାଟ କେନ୍ଦୁପାଟଣା ଛକ-ରାଇସୁଙ୍ଗୁଡ଼ା ରାସ୍ତା କାର୍ଯ୍ୟ ଦୀର୍ଘଦିନ ହେବ ଅଧପନ୍ତରିଆ ହୋଇ ପଡ଼ିରହିଛି। ଏହାମଧ୍ୟରେ ସମ୍ପୃକ୍ତ ଠିକାଦାରଙ୍କୁ ଦୁଇ ଦୁଇ ଥର ସମୟ ଅବଧି ଦିଆଯାଇଥିଲେ ମଧ୍ୟ ସେହି ଅବଧି ମଧ୍ୟରେ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଉକ୍ତ ରାସ୍ତାର ୨୫ ଭାଗ ଢଳେଇ କାର୍ଯ୍ୟ କରାଯାଇଥିଲା ବେଳେ ୨୦ ଭାଗ ରାସ୍ତା ପିଚୁ ପାଇଁ ବହୁ ଦିନ ହେବ ପଡ଼ିରହିଛି। ଏବେ କେନ୍ଦୁପାଟଣା ଛକଠାରୁ ଜିଗ୍ନିପୁର ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କରିବା ପାଇଁ କଳା ମେଟାଲିଂ ହୋଇଥିବା ଦେଖାଯାଇଛି। ଏହାକୁ ପିଚୁ କରା ନଯିବାରୁ ସବୁ ସମୟରେ କ୍ରସର ଗୁଣ୍ଡ ଧୂଳି ଉଡ଼ୁଛି। ଲୋକମାନେ ଯାତାୟତ ପାଇଁ ଅସ୍ତବ୍ୟସ୍ତ ହେଉଛନ୍ତି। ଠିକାଦାର କ'ଣ ପାଇଁ ଉକ୍ତ ରାସ୍ତାକୁ ପିଚୁ କରୁନାହାନ୍ତି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ରାସ୍ତାର ଯେତିକି ଅଂଶ ଢଳେଇ କରାଯାଇଥିଲା ତାହା ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବର୍ତ୍ତମାନ ସିମେଣ୍ଟ ଓ ଗୋଡ଼ି ଉଠି ଖରାପ ହେବାକୁ ଲାଗିଲାଣି। ଏହାଛଡ଼ା କାଜିହାଟ ପାଖରୁ ରାଇସୁଙ୍ଗୁଡ଼ା ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଚାରିଚକିଆ, ଦୁଇଚକିଆ ଯାନବାହନ ଯାତାୟାତ କଷ୍ଟଦାୟକ ହେଉଥିଲା ବେଳେ ପାଦରେ ଚାଲି ଚାଲି ଯିବାକୁ ବାଟୋଇମାନେ ହନ୍ତସନ୍ତ ହେଉଛନ୍ତି।

ଏହି ରାସ୍ତାଟି କଟକ-ଚାନ୍ଦବାଲି ମୁଖ୍ୟରାସ୍ତାର କେନ୍ଦୁପାଟଣା ଛକଠାରୁ ବାହାରି ଭାୟା କାଜିହାଟ ଦେଇ ୬.୭୨୫ କି.ମି ଦୈର୍ଘ୍ୟ ବିଶିଷ୍ଟ ରହିଛି। ସାଲେପୁର-କୁଆଁପାଳ ମୁଖ୍ୟରାସ୍ତାକୁ ରାଇସୁଙ୍ଗୁଡ଼ାଠାରେ ସଂଯୋଗ ହୋଇଛି। ଉକ୍ତ ରାସ୍ତାଟି ହଜାର ହଜାର ଲୋକଙ୍କ ଯାତାୟାତ ପାଇଁ ବହୁ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୧୮ ଫୁଟ ଓସାର କରାଯିବା ପାଇଁ ୪.୬୩ କୋଟି ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲା। ଟେଣ୍ଡର ମାଧ୍ୟମରେ କେନ୍ଦ୍ରାପଡ଼ାର ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ଏହି କାର୍ଯ୍ୟ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରଥମ ଥର ଉକ୍ତ କାର୍ଯ୍ୟ ୨୦୨୦ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ କରି ୨୦୨୨ ଜୁନ୍ ୩୦ ମଧ୍ୟରେ ଶେଷ କରିବା ପାଇଁ ସମୟ ଅବଧି ଦିଆଯାଇଥିଲା। ଠିକାଦାରଙ୍କ ଦାୟିତ୍ୱହୀନତା ପାଇଁ ଏହି ଅବଧି ମଧ୍ୟରେ କାର୍ଯ୍ୟ ଶେଷ ନହେବାରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପକ୍ଷରୁ ନୋଟିସ ଜାରୀ କରାଯାଇଥିଲା। ପରେ ଅଧିକାରୀଙ୍କ ସହ ସଲାସୁତୁରା କରି ଠିକାଦାର ଜଣକ ଅହେତୁକ ବିଭାଗୀୟ ଅନୁକମ୍ପା ହାସଲ କରିଥିବା ଅଭିଯୋଗ ହେଉଛି। କାରଣ ଏଭଳି ଅବହେଳା ସତ୍ତ୍ୱେ ତାଙ୍କୁ ପୁନର୍ବାର ସେହି କାର୍ଯ୍ୟ କରିବା ପାଇଁ ଦିଆଯାଇଥିଲା। ଦ୍ୱିତୀୟ ଥର କାର୍ଯ୍ୟର ଅବଧି ୨୦୨୨ ନଭେମ୍ବର ୧୮ରୁ ୨୦୨୩ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଦିଆଯାଇଥିଲା। ଦୁଇଟି ଅବଧି ଶେଷ ହୋଇଥିଲେ ମଧ୍ୟ ରାସ୍ତାର ସମୁଦାୟ ୪୦ ଭାଗ କାର୍ଯ୍ୟ ହୋଇପାରିନାହିଁ। ରାସ୍ତାର ବାକି ରହିଥିବା କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ଆଉ କେତେ ବର୍ଷ ସମୟ ଲାଗିବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅପରପକ୍ଷରେ ଠିକାଦାର ଜଣକ ନିଜ ମର୍ଜିରେ କାର୍ଯ୍ୟ କରୁଥିବାରୁ ଏଥିରେ ବିଭାଗୀୟ କାର୍ଯ୍ୟଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ବିଭାଗୀୟ କେହି ଅଧିକାରୀ ପରିଦର୍ଶନରେ ଆସୁ ନଥିବାରୁ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଦାବି ହୋଇଛି।

## ଏଲ୍‌ପିଏଫ୍ ରାଜ୍ୟ ପରିଷଦର ବାର୍ଷିକ ଉତ୍ସବ



**କଟକ, ୧୫।୧୨(ସମିସ):** ଶାରଳା ଭବନରେ ରାଜ୍ୟର ଅଗ୍ରଣୀ କେନ୍ଦ୍ରୀୟ ଶ୍ରମ ସଂଗଠନ ଲେବର ପ୍ରୋଗ୍ରେସିଭ ଫେଡେରେସନ(ଏଲ୍‌ପିଏଫ୍) ରାଜ୍ୟ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଂଗଠନର ଜାତୀୟ ଉପସଭାପତି ଓ ରାଜ୍ୟ ସଭାପତି ବୀରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ବାରବାଟୀ ବିଧାୟିକା ଙ୍କ ସୋଫିଆ ଫିର୍ଦ୍ଦୋଶ ଯୋଗ ଦେଇ ଶିଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟ କ୍ଷେତ୍ରରେ ନିୟୋଜିତ ଶ୍ରମିକ ମାନଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଓ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରମିକ ସ୍ୱାର୍ଥ ସମ୍ପର୍କିତ ସମସ୍ତ ଦାବି ବିଧାନସଭାରେ ଉପସ୍ଥାପିତ କରିବା ପାଇଁ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏଲ୍‌ପିଏଫର ରାଷ୍ଟ୍ରୀୟ ସାଙ୍ଗଠନିକ ସମ୍ପାଦକ ଭି. ଭେଲୁସ୍ୱାମୀ ଯୋଗ ଦେଇ ଶ୍ରମିକ ସଂଗଠନର ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ଏଆଇଟିୟୁସିର ବିପିନ ବିହାରୀ ପାଢ଼ୀ, ଏଚଏମଏସର ସମ୍ପାଦକ ବି. ଏନ. ମହାପାତ୍ର, ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଟିୟୁସିସିର ରାଜ୍ୟ ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର ଓ ଏନଏଫଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏଲପିଏଫ କଟକ ଜିଲ୍ଲା ସଭାପତି ସନ୍ତୋଷ ମହାରଣା, ଜିଲ୍ଲା ସମ୍ପାଦକ ସତ୍ୟ ଶିବ ଜେନା, ସଦସ୍ୟ ବିଶ୍ୱଜିତ ସାହୁ, ରମେଶ ଦାସ, କିଶୋର ଦଳାଇ, ମିନତୀ ବେହେରା, ସରୋଜିନୀ ସାମଲ, ଆନନ୍ଦ ଦାସ, ଚତୁର୍ଭୁଜ ରଣା, ଶ୍ରାବଣୀ ସ୍ୱାଇଁ, ସୁଷମା ଦଳାଇ, ଉଷାରାଣୀ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏଲପିଏଫ୍ ରାଜ୍ୟ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ମଧୁସୂଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୫୫ ମାମଲାର ବିଚାର



**ନିଶ୍ଚିନ୍ତକୋଇଲି, ୧୫।୧୨(ସମିସ):** ନିଶ୍ଚିନ୍ତକୋଇଲି ସଦର ମହକୁମା ଠାରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ କନିଷ୍ଠ ଦେୱାନୀ ବିଚାରପତି ତଥା ପ୍ରଥମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରୀତି ତ୍ରିପାଠୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ମୋଟ ୫୫ଟି ମାମଲାର ବିଚାର କରାଯାଇ ଫଇସଲା ହୋଇଛି। ଏହି କାର୍ଯ୍ୟକ୍ରମରେ ଏପିପି ଜୟନ୍ତ କୁମାର ସାମନ୍ତରାୟ, ସରକାରୀ ଓକିଲ ଜିତେନ୍ଦ୍ର ମିଶ୍ର, ଅନିରୁଦ୍ଧ ସାମଲ, ନୃସିଂହଚରଣ ସ୍ୱାଇଁ, ଭାଗ୍ୟଧର ସାହୁ, ତପନ ଦାସ, ଜିତେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ମାମଲା ପରିଚାଳନା କରିଥିଲେ। ଅଦାଲତର ସମସ୍ତ କର୍ମଚାରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନୂତନ ଭାବେ ଖୋଲାଯାଇଥିବା ଏହି ଅଦାଲତରେ ତ୍ୱରିତ ନ୍ୟାୟ ଯୋଗାଇ ଦିଆଯାଉଥିବାରୁ ସାଧାରଣରେ ଖୁସି ବ୍ୟକ୍ତ କରାଯାଇଛି।

## ଡ୍ରିମ୍ସ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



**କଟକ, ୧୫।୧୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗୋବିନ୍ଦପୁରସ୍ଥିତ ମାଳିକା ବର୍ଣ୍ଣିତ ପ୍ରାଚୀନ ସିଦ୍ଧଗିରି ଆଶ୍ରମ ଓ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ '୨୭ତମ ସିଦ୍ଧଗିରି ମହୋତ୍ସବ-୨୦୨୪' ଉଦ୍‌ଯାପିତ ହୋଇଛି। ୫ଦିନ ବ୍ୟାପୀ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପଦ୍ୟୋଗୀ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ 'ସିଦ୍ଧଗରି ସମ୍ମାନରେ-୨୦୨୪' ସମ୍ମାନିତ କରାଯାଇଥିଲା। ବାବାଜୀ ବିଶ୍ୱନାଥ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସନ୍ଥ ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ ବରେଣ୍ୟ ଅତିଥିଭାବରେ ଯୋଗଦେଇଥିଲେ। ସମାଜସେବୀ ଜ୍ଞାନରଞ୍ଜନ ବେହେରା, ଆଇନଜୀବୀ ଲଲାଟେନ୍ଦୁ ବଡୁ, ବାପୁପ୍ରିୟ ରଘୁପତି ରାମଙ୍କ ସମେତ ବହୁ ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଶ୍ୱ ଶାନ୍ତି ବ୍ରହ୍ମ ଏକାକ୍ଷର ଓ ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ, ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର, ସାଧୁସନ୍ଥ ସମ୍ମିଳନୀ, ନାମ ସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନର ପ୍ରାଦେଶିକ କ୍ରୀଡ଼ା

**ଫୁଲନଖରା, ୧୫।୧୨(ସମିସ):** ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନ, ଓଡ଼ିଶା ଦ୍ୱାରା ଆୟୋଜିତ ୨୧ତମ ପ୍ରାଦେଶିକ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଫୁଲନଖରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟସ୍ଥ ବମ୍ଫକୁଦ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ସାଗରିକା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ କ୍ରୀଡାବିତ୍ ସ୍ୱାଧୀନଚେତା ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଅଭିଭାଦନ ଗ୍ରହଣ କରିବା ସହିତ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବରେ ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନର ପ୍ରାନ୍ତ ନିରୀକ୍ଷକ ପ୍ରଦୀପ କୁମାର ଦାଶ, ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ ଯୋଗଦେଇଥିଲେ। କଟକ, ଖୋର୍ଦ୍ଧା, ଜଗତସିଂହପୁର, ଯାଜପୁର ଆଦି ଜିଲ୍ଲାରୁ ଆସିଥିବା ୧୨ଟି ବିଦ୍ୟାଳୟର ୧୬୦ଜଣ ଛାତ୍ରଛାତ୍ରୀ ଦୌଡ, ପୁଚି, ଦଉଡିଡିଆଁ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ୍ ଥ୍ରୋ, କବାଡି, ଖୋ-ଖୋ ଆଦି ଖେଳରେ ଅଂଶଗ୍ରହଣ କରିଥିଲେ। ଦିବସବ୍ୟାପୀ ଉକ୍ତ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ସଂଗୀତା ଦାଶ ପୌରୋହିତ୍ୟ କରିଥିବା ବେଳେ ଅବସରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ପ୍ରବୋଧ କୁମାର ମହାପାତ୍ର ମୁଖ୍ୟଅତିଥି ଓ ଏସ୍‌ୟୁଜେ କଟକ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଶରତ ପରିଡ଼ା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଯାଜପୁର ଜିଲ୍ଲା ତୋରନ୍ଦାର ଶ୍ରୀପୁରୁଷୋତ୍ତମ ବିଦ୍ୟା ମନ୍ଦିରର ଛାତ୍ର ଅମୃତ ସାଗର ସେନାପତି ଚାମ୍ପିଅନ ଟ୍ରଫି ହାସଲ କରିଥିଲେ। କ୍ରୀଡା ଶିକ୍ଷକ ଦୀନବନ୍ଧୁ ଦଳାଇ, ମାମାଲି ଦାସ ଖେଳ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

## ପ୍ରାଥମିକ ଶିକ୍ଷକ ଫେଡରେସନ୍‌ର ବୈଠକ

**ନିଆଳି, ୧୫।୧୨(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍‌ର ଦ୍ୱିତୀୟ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିଆଳି ସ୍ଥିତ ପ୍ରାଚୀ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ସଂଗଠନର ସଭାପତି ରମଣୀରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ୧୮ଟି ଜିଲ୍ଲାର କାର୍ଯ୍ୟକାରିଣୀ ସଭ୍ୟସଭ୍ୟାମାନେ ଯୋଗଦେଇଥିଲେ। ଉକ୍ତ ବୈଠକରେ ସଂଗଠନର ମହାସଚିବ ଜ୍ୟୋତିରଞ୍ଜନ ଦାଶ ଯୋଗଦେଇ ପୂର୍ବ ବୈଠକର ବିବରଣୀ ପ୍ରଦାନ ସହ ଅନୁଷ୍ଠିତ ବୈଠକର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ଶିକ୍ଷକମାନଙ୍କର ପ୍ରମୋସନ, ଆରଏସିପି, ଏମ୍‌ଏସିପି ଓ ୪୨୦୦ ଗ୍ରେଡ୍ ସମେତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ କମିଟି ଗଠନ କରାଯିବା ସହ ଉକ୍ତ କମିଟି ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ଉପଦେଷ୍ଟା ଭ୍ରମରବର ରାଉତ, ଅମୀୟ ଦାସ, ସେଖ୍ ଅବଦ୍ଦୁଲ ଖାଲିଦ୍, ଉପସଭାପତି ଗୋବିନ୍ଦ ଚନ୍ଦ୍ର ରାଉତ, ବିଷ୍ଣୁଚରଣ ବେହେରା, କୋଷାଧ୍ୟକ୍ଷ ସନାତନ ପାତ୍ର ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ସଭାପତି ଜମ୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## କଟକ ଜିଲ୍ଲା ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ



**ଫୁଲନଖରା, ୧୫।୧୨(ସମିସ):** ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ଅନୁବନ୍ଧିତ କଟକ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ କଟକ ସଦର ଥାନା ଅନ୍ତର୍ଗତ ଆମ୍ରପଲ୍ଲି ରିସୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ୟୁଜେର ରାଜ୍ୟ ସଭାପତି କୈଳାସ ନାୟକ, ଉପସଭାପତି ବାସୁଦେବ ତ୍ରିପାଠୀ, ସଂଗଠନ ସଂପାଦକ ସନ୍ତୋଷ ସ୍ୱାଇଁ, ରାଜ୍ୟ କୋଷାଧ୍ୟକ୍ଷ ଟୁନା ଜେନା, ସୁବାସ ଧଳ, ରଘୁନାଥ ଆଚାର୍ଯ୍ୟ, ଶଶିଭୂଷଣ ଷଡଙ୍ଗୀ, ସୁରେନ୍ଦ୍ର ମହାପାତ୍ର, ଅକ୍ଷୟ ଜେନା, କେଦାରନାଥ ସାହୁ ଓ ରମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ କଟକ ଜିଲ୍ଲା ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରିଥିଲେ। ରମେଶ ଚନ୍ଦ୍ର ପ୍ରଧାନ ପୁନର୍ବାର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସାଧାରଣ ସଂପାଦକ ଭାବରେ ଶିଶିର କୁମାର ଦାଶଙ୍କୁ ଚୟନ କରାଯାଇଥିଲା। କୋଷାଧ୍ୟକ୍ଷ ଭାବରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ସଂଗଠନ ସଂପାଦକ ଶୁଭେନ୍ଦୁ ମହାପାତ୍ର, ଉପସଭାପତି ଭାବରେ ପ୍ରଦୀପ ମହାପାତ୍ର, ମହେଶ୍ୱର ପାତ୍ର, ମୀନକେତନ ଦାସ, ପ୍ରଶାନ୍ତ ସାହୁ, ବସନ୍ତ ସାମଲ, ହରିହର ସାହୁ ଏବଂ ସଂପାଦକ ଭାବରେ ଅଶୋକ ରଣା, ହେମନ୍ତ ଦାସ, ଧୀରେନ୍ଦ୍ର ସାହୁ, କାଳନ୍ଦୀ ଚରଣ ସ୍ୱାଇଁ, ଜାନକୀବଲ୍ଲଭ ମହାନ୍ତି, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ରଘୁନାଥ ଆଚାର୍ଯ୍ୟ, ମହିଳା ସଂଗଠନ ସଂପାଦିକା ଭାବରେ ଶୈଳଜା ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସୁରେନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ଆବାହକ ଭାବରେ ନିବେଦିତା ସିଂଙ୍କୁ ଚୟନ କରାଯାଇଛି।

## ରିତେଶ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

### ନୋ କମ୍ପରମାଇଜକୁ ହରାଇ ସ୍ୱାଇଡର କ୍ଲବ ଚାମ୍ପିଅନ

**ମାହାଙ୍ଗା, ୧୫।୧୨(ସମିସ)**




ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଗୁଣ୍ଡୁପୁର ଗାନ୍ଧୀ ପଡ଼ିଆରେ ରାଜ୍ୟସ୍ତରୀୟ ରିତେଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମା' ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩ ଦିନ ବ୍ୟାପୀ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ଅଗ୍ରଣୀ କ୍ରିକେଟ କ୍ଲବ ଭାଗନେଇଥିଲେ। ରୟାଲ ଆର୍ମି ଚଣ୍ଡିଖୋଲ, ନୋ କମ୍ପରମାଇଜ ଭୁବନେଶ୍ୱର, ଏନସିଟି ପିପିଲି, ଷ୍ଟ୍ରାଇକର ଇଲେଭେନ କଟକ, ହୋଣ୍ଡା ଇଲେଭେନ କଟକ, ହ୍ରିତିକ ଇଲେଭେନ, ସ୍ୱାଇଡ଼ର କ୍ଲବ, ଜେଜେସିସି ପଚ୍ଚାମୁଣ୍ଡାଇ ପ୍ରମୁଖ ବିଭିନ୍ନ କ୍ରିକେଟ କ୍ଲବ ଏହି ମ୍ୟାଚରେ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ନୋ' କମ୍ପରମାଇଜ କ୍ରିକେଟ କ୍ଲବ ଭୁବନେଶ୍ୱର ରନର୍ସ ଅପ ହୋଇଥିବା ବେଳେ ସ୍ୱାଇଡ଼ର କ୍ରିକେଟ କ୍ଲବ ବାଲିଚନ୍ଦ୍ରପୁର ଚାମ୍ପିଅନ ହୋଇଥିଲା। ମ୍ୟାନ ଅଫ ଦି' ମ୍ୟାଚ ଭାବେ ବିଶ୍ୱରଞ୍ଜନ ସାହୁ ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ବବିଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଅଖିଳେଶପଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ପ୍ରଶାନ୍ତ କୁମାର କର, ସମ୍ମାନୀତ ଅତିଥିଭାବେ ପଣ୍ଡିତ ରବୀନ୍ଦ୍ରନାଥ କର, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ରାଜ୍ୟ ଅଣଗେଜେଟେଡ଼ ପ୍ରାଣୀ ସମ୍ପଦ ସଂଘ ସଭାପତି ଉପେନ୍ଦ୍ରନାଥ ରଣା, ଯୁବ ସଂଗଠକ ରାକେଶ ସାହୁ, ଶିକ୍ଷାବିତ ପ୍ରଭାତ ପାଣି, ସମାଜସେବୀ ଅଜୟ ରାଉତ ପ୍ରମୁଖ ଯୋଗଦେଇଥିଲେ। ପିଣ୍ଟୁ ନାଥ, ପ୍ରକାଶ ଦାସ, ବିକନ, ବିଶ୍ୱରଞ୍ଜନ ସେଠୀ ଏବଂ ସନ୍ତୋଷ କର ଦାୟିତ୍ୱ ନିର୍ବାହ କରିଥିଲେ। ମା' ବରୁଣେଇ କ୍ରିକେଟ କ୍ଲବ ଗୁଣ୍ଡୁପୁରର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାମାନେ ଉତ୍ସବ ପରିଚାଳନା କରିଥିଲେ।

